# ତହସିଲଦାରଙ୍କ କାର୍ଯ୍ୟାଳୟ ଥୁଆମୂଳ ରାମପୁର

ରେ.ମି. କେସ ନଂ. ୩୧/୨୦୨୪ ପ୍ରୋସେସ ନଂ ୨୪/୨୦୨୫/

**ଇସ୍ତାହାର**

ଏତଦ୍‌ଦ୍ୱାରା ମୌଜା **ମୁଣ୍ଡିଘାଟି** ଥାନା-ଥୁଆମୂଳ ରାମପୁର ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ, ଜଙ୍ଗଲ କିସମ ଜମିକୁ ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ହେତୁ ସମାନୁପାତିକ ଜମି ଭରଣ କରିବା ପାଇଁ ମୌଜା **ମୁଣ୍ଡିଘାଟି** ଗ୍ରାମସ୍ଥ ନିମ୍ନ ତଫସିଲ ଜମିକୁ ଆବାଦ ଅଯୋଗ୍ୟ ଅନାବାଦି (AAA) ଖାତାରୁ ଆବାଦ ଯୋଗ୍ୟ ଅନାବାଦି (AJA) ଖାତାରେ ସାମିଲ କଲାପରେ ଜଙ୍ଗଲ ଓ ପରିବେଶ ବିଭାଗ, ଓଡିଶା ସରକାର ମାର୍ଫତ ବନଖଣ୍ଡ ଅଧିକାରୀ, କଳାହାଣ୍ଡି ଦକ୍ଷିଣ ବନଖଣ୍ଡ, ଭବାନିପାଟଣାଙ୍କ ନାମରେ ବନୀକରଣ ନିମନ୍ତେ ହସ୍ତାନ୍ତର କରିବା ପାଇଁ ସ୍ଥିରୀକୃତ ହୋଇଅଛି ।

ଏଣୁ, ନିମ୍ନ ତଫସିଲ ଭୁକ୍ତ ଜମିର ଖାତା ପରିବର୍ତ୍ତନ କରିବାରେ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ଥାଏ, ତାହାହେଲେ ଏହି ଇସ୍ତାହାର ପ୍ରକାଶ ପାଇବାର **୧୫ ( ପନ୍ଦର)** ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଯେ କୌଣସି କାର୍ଯ୍ୟ ଦିବସରେ ଲିଖିତ ଆପତ୍ତି ଅଭିଯୋଗ ଦାଖଲ କରି ପାରିବେ । ଧାର୍ଯ୍ୟ ସମୟ ଅତିକ୍ରାନ୍ତ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**ତଫସିଲ ବିବରଣୀ**

| ମୌଜା | ଖାତା ନଂ | କିସମ | ପ୍ଲଟ ନଂ. | ମୋଟ ରକବା (ଏକର) | ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|
| ମୁଣ୍ଡିଘାଟି | ୧୧୦ (ଆବାଦ ଅଯୋଗ୍ୟ ଅନାବାଦି) | ଡଙ୍ଗର | ୫୯୭ | ୩୧.୪୫ | ୫.୮୮୯ |
| | | ଡଙ୍ଗର | ୫୯୭ | ୯.୯୫ | ୦.୭୮୮ |
| | | ଡଙ୍ଗର | ୫୮୭ | ୩୯.୭୦ | ୨୭.୫୭୪ |
| | | ଡଙ୍ଗର | ୫୮୦ | ୨୯.୪୫ | ୨୬.୫୦୨ |
| | | ଡଙ୍ଗର | ୬୨୨ | ୩୯.୩୫ | ୨.୫୦୧ |
| ମୋଟ | | | ୦୫ ପ୍ଲଟ | | ଏ. ୬୩.୨୫୪ |

୭/୦୧/୨୫

ତହସିଲଦାର ଥୁଆମୂଳ ରାମପୁର

ତହସିଲଦାର

ଥୁଆମୂଳରାମପୁର

ଜ୍ଞାପକ ସଂଖ୍ୟା ୩୨ ତାରିଖ ୦୭/୦୧/୨୫

ଏହାର ଏକକିତା ନକଲ ମୌଜା **ମୁଣ୍ଡିଘାଟି** ପ୍ରକାଶ୍ୟ ସ୍ଥାନରେ ଢେଣ୍ଡୁରା/ମାଇକିଂ ଦ୍ୱାରା ଜାରି କରିବା ପାଇଁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସଂପୃକ୍ତ ରାଜସ୍ୱ ନିରୀକ୍ଷକ, **ଯୁବରାଜପୁର**/ସଂପୃକ୍ତ ସରପଞ୍ଚ, ପାଦେପଦର/ ତହସିଲ କାର୍ଯ୍ୟାଳୟ, ଥୁଆମୂଳ ରାମପୁର ବିଜ୍ଞାପନ ଫଳକ ରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଏନ.ଆଇ.ସି. (NIC), କଳାହାଣ୍ଡି ୱେବ ସାଇଟରେ ଅପଲୋଡ କରିବାକୁ ପ୍ରେରଣ କରାଗଲା ।

୭/୦୧/୨୫

ତହସିଲଦାର ଥୁଆମୂଳ ରାମପୁର

ତହସିଲଦାର

ଥୁଆମୂଳରାମପୁର